# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 January – 2026

*******************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆସନ୍ତାକାଲି କେନ୍ଦ୍ରୀୟ ବଜେଟ୍-୨୦୨୬-୨୭ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ
- ରାଜ୍ୟରେ ମହିଳା ଯାତ୍ରୀଙ୍କ ପାଇଁ ଚଳାଚଳ କରିବ ସୁଭଦ୍ରା ବସ୍
- ବ୍ରହ୍ମପୁର ହଳଦିଆପଦରଠାରେ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ
- ଢେଙ୍କାନାଳରେ ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱ ପ୍ରସିଦ୍ଧ ମାଘମେଳା; ସନ୍ଧ୍ୟା ୫ଟାରେ ପ୍ରଜ୍ୱଳିତ ହେବ ଝାଡ଼ଦ୍ୱୀପ

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍ ଆରମ୍ଭ

Desk

# ସୀତାରମଣ-ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ଲୋକସଭାରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବେ। ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ, ବଜେଟ୍‌ର କପି ରାଜ୍ୟସଭାରେ ଉପସ୍ଥାପିତ ହେବ। ୨୦୧୯ ମସିହାରେ ଶ୍ରୀମତୀ ସୀତାରମଣ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ନବମ ବଜେଟ୍ ଉପସ୍ଥାପନ ହେବ। ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ଏହା ହେଉଛି ତୃତୀୟ ବଜେଟ୍। ସଂସଦରେ ବଜେଟ୍ ଭାଷଣ ସମାପ୍ତ ହେବା ପରେ ବଜେଟ୍ ଦସ୍ତାବିଜ୍‌ଗୁଡ଼ିକ ମୋବାଇଲ୍ ଆପ୍ ଏବଂ ୱେବସାଇଟରେ ଉପଲବ୍ଧ ହେବ।

ବଜେଟ୍ ଉପସ୍ଥାପନ ପରେ ଦେଶର ବିଭିନ୍ନ ଅଞ୍ଚଳର ପ୍ରାୟ ତିରିଶ ଜଣ କଲେଜ ଛାତ୍ରଙ୍କ ସହ ଶ୍ରୀମତୀ ସୀତାରମଣ ବାର୍ତ୍ତାଳାପ କରିବେ। କଲେଜ ଛାତ୍ରମାନେ ଲୋକସଭା ଗ୍ୟାଲେରୀରୁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନା ଦେଖିବେ।

BBSR/R

# କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି। ବୈଠକରେ ପୂର୍ତ୍ତ, ଅର୍ଥ, ଆଇନ, ଉଚ୍ଚଶିକ୍ଷା, ସମବାୟ, ପଞ୍ଚାୟତିରାଜ ଓ ଶକ୍ତିବିଭାଗ ସମ୍ପର୍କିତ ଏକାଧିକ ପ୍ରସ୍ତାବକୁ ଅନୁମୋଦନ ମିଳିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ମୁଖ୍ୟମନ୍ତ୍ରୀ– ସନ୍ଦର୍ଭ ପୁସ୍ତକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଓଡ଼ିଆ ଭାଷାରେ ପ୍ରସ୍ତୁତ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ‘ସନ୍ଦର୍ଭ’ ପୁସ୍ତିକାଗୁଡ଼ିକ ଉନ୍ମୋଚନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକଗୁଡ଼ିକ ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ଆଦି ପୁସ୍ତକ ରହିଛି। ଉଚ୍ଚ ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ। ପୁସ୍ତକ ସମୁଦାୟ ୭୦୦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୧ ଲକ୍ଷ ୨୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

Puri

## ରାଷ୍ଟ୍ରପତି– ପୁରୀ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସ ୩ ତାରିଖରେ ପୁରୀ ଗସ୍ତରେ ଆସୁଛନ୍ତି। ଶ୍ରୀମତୀ ମୁର୍ମୁ ପୁରୀ ଲୋକଭବନଠାରେ ରାତ୍ରୀଯାପନ କରିବେ। ୪ ତାରିଖରେ ରାଷ୍ଟ୍ରପତି ଶ୍ୱେତ ଗଙ୍ଗାରେ ପିତୃପୁରୁଷଙ୍କ

ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୁରୀ ହେଲିପ୍ୟାଡଠାରୁ ଆରମ୍ଭ କରି ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ, ଶ୍ରୀମନ୍ଦିର ଭିତର ଓ ବାହାର ପରିସର ସହ ସହରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା ସହ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ବିଭିନ୍ନ ସ୍ଥାନରେ ୬୫ ଜଣ କମାଣ୍ଡାଣ୍ଟ ର୍‍ୟାଙ୍କର ଅଫିସର ନିୟୋଜିତ ହେବେ। ଗସ୍ତକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ପୁରୀ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ପୁରୀ ପୁଲିସ, ଜି.ଆର୍.ପି., ଆର୍.ପି.ଏଫ୍. ପକ୍ଷରୁ ଆଜି ପୁରୀ ରେଳ ଷ୍ଟେସନ୍‌ରେ କଡ଼ାକଡ଼ି ଯାଞ୍ଚ କରାଯାଇଛି।

Desk

## ସଡ଼କ ଦୁର୍ଘଟଣା

ବ୍ରହ୍ମପୁର ନିକଟସ୍ଥ ହଳଦିଆପଦର ଓଭରବ୍ରିଜ୍‌ଠାରେ ଟ୍ରକ୍ –ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣଙ୍କର ମୃତ୍ୟୁ ହେବା ସହିତ ୬ ଜଣ ଗଭୀର ଆଘାତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଟ୍ରକ୍‌ଟି ତିନୋଟି ବାଇକ୍‌କୁ ଧକ୍କା ଦେଇଥିଲା। ଦକ୍ଷିଣାଞ୍ଚଳ ପୁଲିସ ମହାନିରୀକ୍ଷକ ନୀତି ଶେଖର କହିଛନ୍ତି, ଦୁର୍ଘଟଣା ଘଟାଇଥିବା ଟ୍ରକର ଡ୍ରାଇଭରକୁ ଗିରଫ କରାଯାଇଛି। କିଛି ମୃତକଙ୍କର ପରିଚୟ ମିଳିବା ପରେ ସେମାନଙ୍କର ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି।

ଆହତମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ  ପୁଲିସ ପହଁଞ୍ଚି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

Desk

## ମହିଳା– ଆମ ବସ୍

ସହରାଞ୍ଚଳ ପରିବହନରେ ମହିଳାମାନଙ୍କ ସହଭାଗିତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ– କ୍ରୁଟ୍' ପକ୍ଷରୁ 'ଆମ ବସ୍ ସେବା'ରେ ମହିଳା ଡ୍ରାଇଭରମାନଙ୍କୁ ସାମିଲ କରାଯିବ। ଏ ନେଇ ଆଜି ପ୍ରଥମ ପର୍ଯ୍ୟାୟରେ ଭାରି ମୋଟର ଯାନ ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭରଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ପାଇଁ  ପୁନେ ପଠାଯାଉଛି। ପ୍ରଶିକ୍ଷାର୍ଥୀମାନଙ୍କୁ ଆଧୁନିକ ଇଲେକ୍ଟ୍ରିକ ବସ୍ ପରିଚାଳନାରେ ଦକ୍ଷତା ବୃଦ୍ଧି ପାଇଁ ୧୪ ଦିନ ଲାଗି ଉନ୍ନତ ଡ୍ରାଇଭିଂ, ସୁରକ୍ଷା ପ୍ରକଳ୍ପ ଏବଂ ପରିଚାଳନା ଉତ୍କର୍ଷତା ଉପରେ ତାଲିମ ଦିଆଯିବ। ଏ ନେଇ ଆଜି ଭୁବନେଶ୍ୱର ଖାରବେଳ ଭବନରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ ମହିଳା ଡ୍ରାଇଭରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରି ଜନ ପରିବହନ ସେବାରେ ଉଦାହରଣ ସୃଷ୍ଟି ପାଇଁ ମନ୍ତ୍ରୀ ଶ୍ରୀ ମହାପାତ୍ର ମହିଳାମାନଙ୍କୁ ପରାମର୍ଶ ଦେଇଛନ୍ତି।

ଭୁବନେଶ୍ୱରରେ ମହିଳା ଯାତ୍ରୀଙ୍କ ପାଇଁ ସୁଭଦ୍ରା ବସ୍ ଚଳାଚଳ କରିବ। ମହିଳା ଡ୍ରାଇଭର ଏହି ବସ୍ ଚଳାଇବେ। ବସ୍‌ରେ ମହିଳାଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ସହରାଞ୍ଚଳ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ, ନେତୃତ୍ୱ କୌଶଳର ବିକାଶ, ସୁରକ୍ଷିତ, ସମାନତା ଆଧାରିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଜନ ପରିବହନ ବ୍ୟବସ୍ଥା ଗଠନ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

**- V/O -**

Dhenkanal

# ଯୋରନ୍ଦା ମେଳା

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ଢ଼େଙ୍କାନାଳ ଜିଲ୍ଲାର ଯୋରନ୍ଦାଠାରେ ଆଜିଠାରୁ ପ୍ରସିଦ୍ଧ ମାଘମେଳା ଆରମ୍ଭ ହେଉଛି । ଆଜି ସନ୍ଧ୍ୟା ୫ଟାରେ ଝାଡ଼ଦୀପ ପ୍ରଜ୍ୱଳିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଝାଡ଼ ଦ୍ୱୀପ ମହିମା ପୀଠର ଗାଦି ମନ୍ଦିର, ବଢି ମନ୍ଦିର, ଧୂନି ଓ ଶୂନ୍ୟ ମନ୍ଦିରରେ ପ୍ରଜ୍ୱଳିତ ହେବ। ଚଳିତ ବର୍ଷ ମାଘ ମେଳାକୁ ୧୫୩ ବର୍ଷ ପୂରଣ ହୋଇଛି। ମେଳାରେ ଭାଗ ନେବା ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ସାଧୁସନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ସେହିଭଳି ମହିମା ସ୍ୱାମୀଙ୍କ ଆବିର୍ଭାବର ୨୦୦ ବର୍ଷ ପୂର୍ତ୍ତି ହୋଇଥିବା ନେଇ ମହିମା ଯାତ୍ରା

ସଂଯୋଜକ ପ୍ରଦ୍ୟୁମ୍ନ ରଥ କହିଛନ୍ତି। ମେଳାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋରନ୍ଦା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Nuapada

## ସୁଭଦ୍ରା ଶକ୍ତି ମେଳା

ନୂଆପଡ଼ା ଜିଲ୍ଲାରେ ଆସନ୍ତା ମାସ ୨୪ ତାରିଖରୁ ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବ। ଏ ନେଇ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ  ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନ୍ୟାସନାଲ କଲେଜ ପଡ଼ିଆରେ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବ। ବୈଠକ ଆରମ୍ଭରେ ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର ମଲ୍ଲିକ ମେଳାର କାର୍ଯ୍ୟସୂଚୀ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମେଳାରେ ଜିଲ୍ଲାର ସମସ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ ଓ ଲକ୍ଷପତି ଦିଦିମାନେ ନିଜସ୍ୱ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ କରିବେ। ଏହା ସହ ସରକାରୀ ବିଭାଗ ଦ୍ୱାରା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯିବ।

Nuapada

## ବିଦ୍ୟାଳୟ ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ଅଭିଯୋଗ ଶୁଣାଣି ପୋର୍ଟାଲ ମାଧ୍ୟମରେ ଶିକ୍ଷା ସମ୍ପର୍କିତ ସମସ୍ତ ଅଭିଯୋଗକୁ ୭ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମ୍ଭାବନା-୨୦୨୬ କାର୍ଯ୍ୟ ଯୋଜନା, ଏକ ଶିକ୍ଷକ ବିଦ୍ୟାଳୟ, ବକେୟା ପେନସନ୍ ମାମଲା, ପିଏମ୍ ପୋଷଣ, ଶିକ୍ଷା ସେବିକା ନିଯୁକ୍ତି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଖାଲି ପଦବୀ ପୂରଣ, ପି.ଏମ୍.ଶ୍ରୀ. ବିଦ୍ୟାଳୟରେ ଭିତ୍ତିଭୂମିର ବିକାଶ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

Nayagarh

## ପଲ୍ଲିଶ୍ରୀ ମେଳା

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ସମାରୋହରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ି ଯୋଗଦେଇ ନୂଆଗାଁ ବ୍ଲକ ଅଞ୍ଚଳର ଐତିହ୍ୟ, କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ଐତିହ୍ୟକୁ ଉଜ୍ଜୀବିତ ରଖିବା ପାଇଁ

ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଧ୍ରୁବଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ନବରଙ୍ଗପୁର-ବୈଠକ

ନବରଙ୍ଗପୁର ଜିଲ୍ଲା ଆକାଂକ୍ଷୀ ବ୍ଲକ ଡାବୁଗାଁଠାରେ ସମ୍ପୂର୍ଣ୍ଣତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରୀତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଡାବୁଗାଁ ବ୍ଲକ ଏହି ଅଭିଯାନରେ ଉତ୍କର୍ଷତାର ସହ କାର୍ଯ୍ୟ କରିଥିବାରୁ ରାଜ୍ୟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସେଭଳି ନିଷ୍ଠାର ସହ କାର୍ଯ୍ୟ କରିବାକୁ ସମସ୍ତ ଅଂଶୀଦାରଙ୍କୁ ବୈଠକରେ ଆହ୍ୱାନ ଦିଆଯାଇଛି ।

Gajapati

## ସମନ୍ୱୟ ବୈଠକ

ପାରଳାଖେମୁଣ୍ଡି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଣ୍ଡିରେ ଧାନ କ୍ରୟ ନେଇ ମିଲର୍, ଚାଷୀ ଓ ପ୍ରଶାସନ ପକ୍ଷରୁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନୀନ୍ଦ୍ର ହୋନ୍‌ନାଗା ଯୋଗଦେଇ ଜିଲ୍ଲାରେ ଧାନ କ୍ରୟ ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ରଖିଥିଲେ। ସୁରୁଖୁରୁରେ ଧାନ କ୍ରୟ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୬ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୩ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ସରିଛି। ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଆକାଉଣ୍ଟରେ ଟଙ୍କା ପାଇଥିବା ନେଇ ଉପ ଜିଲ୍ଲାପାଳ ଅନୁପ ପଣ୍ଡା କହିଛନ୍ତି।

BHK

## ରେଡକ୍ରସ ଶିବିର

ଭଦ୍ରକ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ୍ ଶିବିର ଚରମ୍ପା ଆର୍.ସି.ବି. ଏଲ୍ଗ ହାଇସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି । ଶିବିରରେ ଜିଲ୍ଲାର ୨୧୧ଟି ବିଦ୍ୟାଳୟରୁ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜିଲ୍ଲା ଅତିରିକ୍ତ ପରିବହନ ଅଧିକାରୀ ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

Nuapada

## ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସମୂହର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଛାତ୍ରାବାସରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ସହ କୋଠା ଓ ଅଗ୍ନି ସୁରକ୍ଷା ଯାଞ୍ଚ ପାଇଁ ଜିଲ୍ଲାପାଳ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ । ଏହା ସହ ଆସନ୍ତା ମାସ ଫେବୃଆରୀ ୧୦ ତାରିଖରେ ଜାତୀୟ କୃମିନାଶକ ଦିବସ ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ କୃମିନାଶକ ବଟିକା ଖାଇବା ସୁନିଶ୍ଚିତ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

Desk

## ରଗ୍‌ବୀ ଲିଗ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍ ଆରମ୍ଭ ହୋଇଛି । ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଓଡ଼ିଶା ସମେତ ୨୪ଟି ଦଳର ୩୩୬ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଅଧୀନରେ ଖେଲୋ ଇଣ୍ଡିଆରେ ମହିଳାମାନଙ୍କ ପାଇଁ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ କୁହାଯାଇଛି ।